# Akashvani, Sambalpur

## SAMBALPURI NEWS EVENING BULLETIN

## 3 july 2026-7.02- 7.12 pm.

---

୧- ଭୁବନେଶ୍ୱର୍ ନ ଜାପାନ୍‌ର ବ୍ୟବସାୟୀ ପ୍ରତିନିଧି ମାନ୍‌କର୍ ସାଙ୍ଗେ ମୁଖ୍ୟମନ୍ତ୍ରୀ କଲେ ଆଲୋଚନା ।

- କହେଲେ ରାଏଜେ ଗଲା ଦେଢ଼୍ ବଛର୍ ଭିତ୍‌ରେ ସାଢ଼େ ୩ ଲାଖ୍ କୋଟି ଟଙ୍କାର୍ ହେଇଛେ ପୁଞ୍ଜିନିବେଶ୍ ।

୨- ରାଏଜେ ଚାଲିଥିବା ଭୋଟର୍ ତାଲିକାର୍ ସ୍ୱତନ୍ତ୍ର ସଘନ ସଂଶୋଧନ୍ ଲାଗି ୧୦ ଝନ୍ ବରିଷ୍ଠ ଆଇଏଏସ୍ - ପର୍ଯ୍ୟବେକ୍ଷକ୍ ଭାବେ ହେଲେ ନିଯୁକ୍ତ ।

୩- ଥରେ ବେଭାର୍ ହଉଥିବା ପ୍ଲାଷ୍ଟିକ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ ହେଉଛେ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବେଗ୍ ମୁକ୍ତ ଦିବସ ।

ଆଉର୍

୪- ଲଘୁଚାପ୍‌ର ବଲେ ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଲାଗି ରହିଛେ ବର୍ଷା ।

- ବର୍‌ଗଡ୍‌, ସୁବର୍ଣ୍ଣପୁର୍‌, ବୌଦ୍ଧ, ନୂଆପଡ଼ା ସହେତେ ୯ ଟା ଜିଲ୍ଲା ନ ହେଇପାରେ ଜବର୍‌ ବର୍ଷା - ସତର୍କ କଲା ପାଣିପାଗ୍‌ ବିଜ୍ଞାନ୍‌ କେନ୍ଦ୍ର ।

ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍‌

ରାଜ୍ୟ ସର୍‌କାର୍‌ ଗୁଟେ ସଶକ୍ତ, ସମୃଦ୍ଧ ଆଉ ବୈଭବ୍‌ଶାଳୀ ଓଡ଼ିଶା ଗଠନ୍‌ ଲାଗି ସଂକଳ୍ପବଦ୍ଧ ବଲି ମୁଖ୍ୟମନ୍ତ୍ରୀ ମୋହନ୍‌ ଚରଣ୍‌ ମାଝୀ କହିଛନ୍‌ । ଭୁବ୍‌ନେଶ୍ୱର୍‌ ଠାନେ ଜାପାନ୍‌ର ବ୍ୟବସାୟୀ ପ୍ରତିନିଧିମାନ୍‌କର୍‌ ସାଙ୍ଗେ ଆଲୋଚନା ଅଧିବେଶନ୍‌ଥି ଯୋଗ୍‌ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍‌, ଗଲା ଦେଢ଼୍‌ବର୍ଷ ଭିତ୍‌ରେ ରାଏଜେ ସାଢ଼େ ୩ ଲାଖ୍‌ କୋଟି ଟଙ୍କାର୍‌ ପୁଞ୍ଜିନିବେଶ୍‌ ହେଇଛେ । ଇ ସମିଆ ଭିତ୍‌ରେ ସର୍‌କାର୍‌ ୧୦ ଲାଖ୍‌ କୋଟି ଟଙ୍କାର୍‌ ନୂଆଁ ଶିଳ୍ପ ପ୍ରକଳ୍ପକେ ଅନୁମୋଦନ୍‌ କରିଛନ୍‌ । ଉତ୍କର୍ଷ ଓଡ଼ିଶା, ମେକ୍‌ ଇନ୍‌ ଓଡ଼ିଶାନୁ ନେଇକରି ଶିଳ୍ପ ବିପ୍ଳବର୍‌ ଇ ଯାତ୍ରା ଆଏବା ଦିନେ ଜାରି ରହେବା । ଇ ଚେଷ୍ଟା ଯୁବବର୍ଗଙ୍କୁ ନିଯୁକ୍ତି ସୁଯୋଗ୍‌ ଆଉ ରୋଜ୍‌ଗାର୍‌ର ନୂଆଁ ସୁଯୋଗ୍‌ ଦେଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍‌ ।

(ଭଏସ୍‌ ଓଭର୍‌- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀଙ୍କର୍ ଉପସ୍ଥିତିଥି ଜାପାନ୍‌ର ପ୍ରମୁଖ ଶିଳ୍ପ ଉଦ୍ୟୋଗୀଙ୍କର୍ ସହେତେ ୬୭ ହଜାର୍ କୋଟି ଟଙ୍କାର୍ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇଥି ପାଖାପାଖି ୭ ହଜାର୍ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ ।

କାର୍ଯ୍ୟକ୍ରମ୍‌ଥି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ୍ ରହିକରି ରାଏଜେ ଦୀର୍ଘକାଳୀନ ସ୍ଥାୟୀ ବିକାଶ୍ ଲକ୍ଷ୍ୟ ହାସଲ୍ ଲାଗି ଭିନ୍ ଭିନ୍ ରଣନୈତିକ ସହଯୋଗ୍ ଉପ୍‌ରେ ଆଲୋଚନା କରିଥିଲେ ।

ମୁଖ୍ୟମନ୍ତ୍ରୀ-୨ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନୂଆଦିଲ୍ଲୀ ଗସ୍ତ ସାରିକରି ଆଏଜ୍ ଭୁବ୍‌ନେଶ୍ୱର୍ ନ ପୁହୁଁଚିଛନ୍ । ଗସ୍ତ ଅବ୍‌ସରେ ମୁଖ୍ୟମନ୍ତ୍ରୀ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନୀତିନ୍- ନବୀନ୍‌ଙ୍କୁ ସୌଜନ୍ୟମୂଲକ୍ ସାକ୍ଷାତ୍ କରିଥିଲେ । ଓଡ଼ିଶାର୍ ପ୍ରଗତି,

ସାଂଗଠନିକ୍ ସୁଦୃଢ଼ ଆଉ ଆଏବା ଦିନେ କାର୍ଯ୍ୟପନ୍ଥା ବାବ୍‌ଦେ ଆଲୋଚନା ହେଇଥିବା ଶ୍ରୀ ମାଝୀ କହିଛନ୍ ।

ଭୁବ୍‌ନେଶ୍ୱର୍ ମିଶନ୍ ଶକ୍ତି ଭବନ ଆଇ.ଆଣ୍ଡ୍.ପି.ଆର୍

ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ୍ ତାଲିମ୍ କାର୍ଯ୍ୟକ୍ରମ୍‌ର ୩ ନମ୍ବର୍ ଖେପ୍ ଭୁବ୍‌ନେଶ୍ୱର୍ ମିଶନ୍ ଶକ୍ତି ଭବନ୍ ନ ଆଏଜ୍ ଶୁଭାରମ୍ଭ ହେଇଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇତାକେ ଉଦ୍‌ଘାଟନ୍ କରିଛନ୍ । ଜୁଲାଇନୁ ସେପ୍ଟେମ୍ବର୍ ମାସ୍‌ତକ୍ ଖେପ୍ ଖେପ୍ କରି ଆୟୋଜିତ୍ ହେବାର୍‌କେ ଥିବା ଇ ତାଲିମ୍ କାର୍ଯ୍ୟକ୍ରମଥି ରାଜ୍ୟର୍ ୩୦ ଟା ଜିଲ୍ଲାର୍ ପାଖାପାଖି ୪ ହଜାର୍ ୫ ଶହ କମ୍ୟୁନିଟି ସହାୟକ କର୍ମଚାରୀ ଭାଗ୍ ନେବେ । ଆଝିରର୍ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିମାପଡ଼ା ଆଉ ଗୋପ ବ୍ଲକ୍‌ର ଶହେ ୯୦ ଝନ୍ କମ୍ୟୁନିଟି ସହାୟକ କର୍ମଚାରୀଙ୍କୁ ପରିଚୟ ପତ୍ର ବାଂଟିଛନ୍ । ରାଏଜେ କାମ୍ କରୁଥିବା ମୋଟ୍ ୬୨ ହଜାର୍ ୩ ଶହ ୪୧ ଝନ୍ କର୍ମଚାରୀଙ୍କୁ ଖେପ୍ ଖେପ୍ କରି

ପରିଚୟ ପତ୍ର ଦିଆଯିବ। । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଲକ୍ଷପତି ଦିଦି ଅଭିଯାନ୍ ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନେତୃତ୍ୱଥି ରାଜ୍ୟ ସର୍‌କାର୍ ମହିଳାମାନ୍‌କର୍ ଆର୍ଥିକ୍ ସଶକ୍ତିକରଣକେ ସବୁନୁ ଅଏତ୍‌କା ପ୍ରାଥମିକତା ଦଉଛନ୍ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ଏସ୍‌ଆଇଆର-ପର୍ଯ୍ୟବେକ୍ଷକ୍        ଏକ୍ସ

ରାଏଜେ ଚାଲିଥିବା ଭୋଟର୍ ତାଲିକାର୍ ସ୍ୱତନ୍ତ୍ର ସଘନ ସଂଶୋଧନ୍-ଏସ୍‌ଆଇଆର୍ ଲାଗି ୧୦ ଝନ୍ ବରିଷ୍ଠ ଭାରତୀୟ ପ୍ରଶାସନିକ୍ ସେବା ଅଧିକାରୀଙ୍କୁ ଭୋଟର୍ ତାଲିକା ପର୍ଯ୍ୟବେକ୍ଷକ୍ ଭାବେ ନିଯୁକ୍ତି ଦିଆଯାଇଛେ । ସବୁ ପର୍ଯ୍ୟବେକ୍ଷକମାନେ ଦାୟିତ୍ୱଥି ଥିବା ଜିଲ୍ଲାକେ କମ୍‌ସେକମ୍ ୩ ଥର୍ ଗସ୍ତ କରିକରି ଥିତିର୍ ସମୀକ୍ଷା କର୍‌ବେ । ଆଏବା ୫ ତାରିଖ୍ ଚିଠା ଭୋଟର୍ ତାଲିକା ବାହାର୍‌ବା ବଲି ରାଜ୍ୟ ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

କୃଷିବିଭାଗ୍- ନିଗମ୍ ବୁଝାମଣାପତ୍ର ଆଇ.ଆଣ୍ଡ୍.ପି.ଆର୍

କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତରଫୁ ୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ୪ ଟା ନିଗମ୍ ଓଡ଼ିଶା କୃଷି ଶିଳ୍ପ ନିଗମ୍- ଓ.ଏ.ଆଇ.ସି., ଓଡ଼ିଶା କୃଷି ପ୍ରୋତ୍ସାହନ୍ ଆଉ ପୁଞ୍ଜିଲଗାଣ ନିଗମ୍-ଏ.ପି.ଆଇ.ସି.ଓ.ଏଲ୍., ଓଡ଼ିଶା ରାଜ୍ୟ ବିହନ୍ ନିଗମ୍ -ଓ.ଏସ୍.ଏସ୍.ସି. ଆଉ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ୍ ନିଗମ୍- ଓ.ଏସ୍.ସି.ଡି.ସି.ଏଲ୍. ସଙ୍ଗେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ଅବ୍ସରେ ରାଏଜେ ଚାଷ୍ ଆଉ ଚାଷୀମାନ୍କର୍ ଉନ୍ନତି ଦିଗେ ବିଭାଗ୍ ସାଙ୍ଗେ ତାଲ୍ମେଲ୍ ରଖିକରି ଏକାସାଙ୍ଗେ କାମ୍ କର୍ବାର୍କେ ଇ ନିଗମ୍ ମାନ୍କୁ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଓ.ଏ.ଆଇ.ସି. ୧୨ ଶହ କୋଟି ଟଙ୍କାର୍ କାର୍ବାର୍ ସହେତେ ୫୪ ହଜାର୍ ଟନ୍ ସାର, ୮ ହଜାର୍ ୪ ଶହ ଟ୍ରାକ୍ଟର୍ ୧୨ ଶହ ପାୱାର୍ ଟିଲର୍ ଯୁଗାବା । ଏ.ପି.ଆଇ.ସି.ଓ.ଏଲ୍. ୩ ଶହ ୩୦ କୋଟି ଟଙ୍କାର୍ ସାହାଜ୍ଥି ୧୬ ଶହ ୫୯ ଟା କୃଷି

ଉଦ୍ୟୋଗ୍ ଥାପ୍‌ନା କର୍‌ବା । ଓ.ଏସ୍.ସି.ଡି.ସି.ଏଲ୍. ୫ ଶହ ଏକଡ୍ ଜମିଥି ହାଇବ୍ରିଡ୍ କାଜୁ ଜଗାବା ଆଉ ଓ.ଏସ୍.ଏସ୍.ସି. ଜଲ୍‌ବାୟୁ ସହନଶୀଳ ବିହନ୍ ଯୁଗାବାର୍‌ଟା ବଢ଼ାବା । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଚାଷ୍‌ଥି ଅତ୍ୟାଧୁନିକ୍ ପ୍ରଯୁକ୍ତିବିଦ୍ୟା ବ୍ରାଣ୍ଡିଂ ଆଉ କମ୍ ସମିଆର୍ ଫସଲ୍ ଉପ୍‌ରେ ଜୋର୍ ଦେବାର୍‌କେ ପରାମର୍ଶ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ- ରଥଯାତ୍ରା          ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ସୋମ୍‌ବାର୍ ରଥଯାତ୍ରାର୍ ପରିଚାଲନା ଆଉ ପ୍ରସ୍ତୁତି ବାବ୍‌ଦେ ସମୀକ୍ଷା କର୍‌ବେ ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ । ବୈଠକ୍‌ଥି ରଥଯାତ୍ରାର୍ ନୀତିକାନ୍ତି ଧାରିଜ୍ ସମିଆଥି ପୁରା କର୍‌ବାର୍, ଶାନ୍ତି ଶୃଙ୍ଖଲା ରକ୍ଷା, ଭିଡ଼୍ ନିୟନ୍ତ୍ରଣ୍, ଶ୍ରଦ୍ଧାଳୁମାନ୍‌କର୍ ଶୃଙ୍ଖଲିତ୍ ଦର୍ଶନ୍ ଲାଗି ପଦକ୍ଷେପ୍ ବାବ୍‌ଦେ ଆଲୋଚନା ହେବା ବଲି ଜନାପଡ଼ିଛେ । ଭକ୍ତମାନ୍‌କର୍ ଶୃଙ୍ଖଲିତ୍ ଦର୍ଶନ୍ ଲାଗି ବଡ଼ଦାଣ୍ଡକେ ଭିନ୍ ଭିନ୍ ଭାଗେ ବଂଟାଯାଇକରି ଫି’ ଭାଗ୍‌ଥି ୫ନେ

ଲେଖା ଓଏଏସ୍ ଅଧିକାରୀଙ୍କୁ ନିଯୁକ୍ତ କରାଯିବା । ରଥଯାତ୍ରାକେ ଶାନ୍ତିଶୃଙ୍ଖଲାର୍ ସହେତେ କର୍‌ବାର୍‌ଟା ସର୍‌କାର୍‌ଙ୍କର୍ ପ୍ରାଥମିକତା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ ।

(ଭଏସ୍ ଓଭର୍- ପୃଥ୍ୱୀରାଜ୍ ହରିଚନ୍ଦନ)

ପ୍ଲାଷ୍ଟିକ୍ ବ୍ୟାଗ୍‌ମୁକ୍ତ ଦିବସ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଥରେ ବେଭାର୍ ହଉଥିବା ପ୍ଲାଷ୍ଟିକ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍‌ମୁକ୍ତ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ "ଗୁଟେ ନିରନ୍ତର୍ ଭବିଷ୍ୟତ୍ ଲାଗି ଥରେ ବେଭାର୍ ହଉଥିବା ପ୍ଲାଷ୍ଟିକ୍‌ନୁ ମୁକ୍ତି" । ୨୦୦୮ ମସିହା ଜୁଲାଇ ମାସ ୩ ତାରିକ୍‌ଥି ଗୁଟେ ପରିବେଶ୍ ସଂଗଠନ୍ ସ୍ପେନ୍‌ର ବାର୍ସିଲୋନା ନ ପହେଲାଥର୍ ଲାଗି ଇ ଦିବସ୍ ପାଲନ୍ କରିଥିଲା । ଗୁଟେ ରିପୋର୍ଟ ଅନ୍‌ସାରେ, ଫି ବଛର୍ ପାଖାପାଖି ୧ ନୁ ୫ ଟ୍ରିଲିୟନ୍ ପ୍ଲାଷ୍ଟିକ୍ ବେଗ୍ ବେଭାର୍ କରାଯାଇକରି ଫିଙ୍କି ଦିଆଯାଏସି । ଯେନ୍‌ଟାକି, ପରିବେଶ୍ ଉପ୍‌ରେ ପ୍ରତିକୂଳ ପ୍ରଭାବ୍ ପକାସି

ବଲି ବିଶେଷଜ୍ଞମାନେ ମତ ଦେଇଛନ୍ । ଇ ବଛର୍ ପୁର୍ଥିକେ ଥରେ ବେଭାର୍ ହେଉଥିବା ପ୍ଲାଷ୍ଟିକ୍‌ନୁ ମୁକ୍ତ କର୍‌ବାର୍ ଆହ୍ୱାନ୍ ନେଇକରି ଇ ଦିବସ୍ ପାଲନ୍ କରାଯାଉଛେ ।

ଓପିଏଚ୍‌ଡବ୍ଲୁସି- ଲାଭାଂଶ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ୍ ଆଉ କଲ୍ୟାଣ୍ ନିଗମ୍ ଓ.ପି.ଏଚ୍.ଡବ୍ଲୁ.ସି ତର୍‌ଫୁ ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ୨୧ କୋଟି ୨୮ ଲାଖ୍ ଟଙ୍କାର୍ ରେକର୍ଡ଼ ଲାଭାଂଶ ଦିଆଯାଇଛେ । ଆଏଜ୍ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କୁ ନିଗମ୍‌ର ଅଧ୍ୟକ୍ଷ ଆଉ ପରିଚାଳନା ନିର୍ଦ୍ଦେଶକ୍ ସୌମେନ୍ଦ୍ର ପ୍ରିୟଦର୍ଶୀ ଲାଭାଂଶର୍ ଚେକ୍ ଦେଇଛନ୍ । ୨୦୨୫-୨୬ ବଛ୍‌ରେ ନିଗମ୍ ୧୫ ଶହ ୨୦ କୋଟି ଟଙ୍କାର୍ ସବୁନୁ ଜହ କାର୍‌ବାର୍ କରିଛେ । ୨୦୧୪- ୧୫ ନୁ ନିୟମିତ୍ ଭାବେ ଲାଭାଂଶ ଦେଇଆସୁଥିବା ନିଗମ୍ ଏବ୍‌ତକ୍ ମୋଟ୍ ୮୬ କୋଟି ୫ ଲାଖ୍ ଟଙ୍କା ଦେଇସାରିଛେ । ଉଚ୍ଚାଦର୍‌ଜାର୍ ନିର୍ମାଣ୍

ଲାଗି ନିଗମ୍‌କେ ୨ ଥର୍ ବିଶ୍ୱକର୍ମା ପୁରସ୍କାର୍ ଭିଲ୍ ମିଲିସାରିଛେ ।

ଆକାଶ ରଞ୍ଜନ୍ ମୁଣ୍ଡ କଲାହାଣ୍ଡି ସମ୍ବାଦଦାତା

ତୁର୍କିର ମର୍ସିନ୍ ଠାନେ ହେଇଥିବା ୱାଲ୍ଡ ଆବିଲିଟି ସ୍ପୋର୍ଟ ୟୁଥ୍ ଗେମ୍ସ -୨୦୨୬ ଥି କଲାହାଣ୍ଡିର୍ ପାରା ବେଡ୍‌ମିଂଟନ୍ ଖେଲାଲି ଆକାଶ ରଞ୍ଜନ୍ ମୁଣ୍ଡ ୨ ଟା ସ୍ୱର୍ଣ୍ଣ, ଆଉ ଗୁଟେ ରୌପ୍ୟ ପଦକ୍ ଜିତିକରି ଜିଲ୍ଲା ଆଉ ରାଜ୍ୟ ଲାଗି ଗୌରବ୍ ଆନିଛନ୍ । ପୁରୁଷ ଏକକ ଏସ୍.ଏଲ୍. ଥ୍ରି ଆଉ ମିକ୍ସଡ୍ ଡବଲ୍ସ ଏସ୍.ଏଲ୍. ଥ୍ରି / ଏସ୍.ୟୁ.ଫାଇଭ୍ ବର୍ଗଥି ସ୍ୱର୍ଣ୍ଣ ଜିତ୍‌ବାର୍ ସହେତେ ଆଉ ଗୁଟେ ପର୍ଯ୍ୟାୟଥି ରୌପ୍ୟ ପଦକ୍ ହାସଲ୍ କରିଛନ୍ । ଆଏଜ୍ ସେ କଲାହାଣ୍ଡି ପୁହୁଁଚିବାର୍ ଉତ୍‌ରୁ ଜିଲ୍ଲା ପ୍ରଶାସନ୍ ଆଉ କ୍ରୀଡ଼ା ସଂଗଠନ୍ ତର୍‌ଫୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ପୁରୀ ଶ୍ରୀମନ୍ଦିର୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ଅଣସର ପିଣ୍ଡି ନ ଜରେ ପଡ଼ିଥିବା ଚତୁର୍ଦ୍ଧାମୂର୍ତିଙ୍କର୍ ଗୁପ୍ତ ସେବାଥି ଦଇତାପତି ସେବକ୍‌ମାନେ ଲାଗିଛନ୍ । ଅନବସରର ୫ ନମ୍ବର୍ ଦିନେ ଆଏଜ୍ ଶ୍ରୀବିଗ୍ରହମାନ୍‌କର୍ ଚନ୍ଦନ ଆଉ କରାଳ ଖୁଲାଯାଇକରି ଶ୍ରୀଅଙ୍ଗ ଫିଟାଯିବା । ସେଆଡ଼େ ମାହାପୁରୁମାନ୍‌କର୍ ସେବା ଲାଗି ସୁନାଗୋସାଇଁ ସେବକ ମାନେ ତିଆର୍ କରିଥିବା ଅନବସର ମଇଲମ ଲାଗି କରାଯାଉଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର-ପଶ୍ଚିମ ବଙ୍ଗୋପସାଗର ଆଉ ତାର୍ ପାଖର୍ ଉତର ଓଡ଼ିଶା ସମୁଦ୍ର ଖଁଡ଼ି ଇଲାକା ନ ଲଘୁଚାପ୍ କ୍ଷେତ୍ର ଅଏତ୍‌କା ଘନୀଭୂତ ହେବାର୍‌କେ ଲାଗିଛେ । ଲଘୁଚାପ୍‌ର ପ୍ରଭାବ୍‌ଥି ଦକ୍ଷିଣ - ପଶ୍ଚିମ ମୌସୁମୀ ବାୟୁ ଆହୁରି ସକ୍ରିୟ ହେବାର୍‌ନୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା କାଏଲ୍ ସଖାଲ୍‌ତକ୍ ବିଜ୍‌ଲି ଆଉ ଘଡ଼ଘଡ଼ି ସାଙ୍ଗେ ଜବର୍ ନୁ ଅତି ଜବର୍ ବର୍ଷା ହେବା

ବଲି କଲାହାଣ୍ଡି, ରାୟଗଡ଼ା, ମାଲ୍କାନ୍‌ଗିରି ଆଉ କୋରାପୁଟ୍ ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ପଶ୍ଚିମ ଓଡ଼ିଶାର୍ ବର୍‌ଗଡ଼୍, ସୁବର୍ଣ୍ଣପୁର୍, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର୍ ସହେତେ ୯ ଟା ଜିଲ୍ଲାକେ ଜବର୍ ବର୍ଷା ହେବା ବଲି କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।

ରାଏଜେ ଲଘୁଚାପ୍‌ର ବଲେ ହେଉଥିବା ଲଗାଏତ୍ ବର୍ଷା ଲାଗି ଅଗ୍ନିଶମ ଆଉ ଜରୁରୀକାଲୀନ୍ ସେବା ବିଭାଗ୍ ପୁରାପୁରି ସତର୍କ ଆଉ ପ୍ରସ୍ତୁତ୍ ଅଛେ ବଲି ଅଗ୍ନିଶମ ବିଭାଗ୍ ମହାନିର୍ଦ୍ଦେଶକ୍ ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ । ସବୁ ଅଗ୍ନିଶମ କେନ୍ଦ୍ରକେ ୨୪ ଘଂଟା ସତର୍କ ରହେବାର୍‌କେ କୁହାଯାଇଛେ । ସମ୍ବଲ୍‌ପୁର୍, କଟକ୍ ଆଉ ବ୍ରହ୍ମପୁର୍‌ନୁ ଖାସ୍ ଉଦ୍ଧାର୍‌କାରୀ ଦଲ୍ ମୁତୟନ୍ ହେଇଛନ୍ ।

ରାଏଜେ ୩ ଶହ ୨୪ ଟା ମୋଟର୍‌ଚାଲିତ ଇନ୍‌ଫ୍ଲେଟେବଲ୍ ରବର୍‌ବୋଟ ମୁତୟନ, ୩ ହଜାର୍ ଶହେ ୪୩ ଟା ଲାଇଫ୍ ଜେକେଟ୍, ୨ ହଜାର୍ ୭ ଶହ ୧୨ ଟା ଲାଇଫ୍‌ବଏ, ଶହେ ୪୫ ଟା ଅଣ୍ଡର୍ ୱାଟର୍ ବ୍ରିଦିଂ ସେଟ, ବୁଡ଼ି ଇଲାକା ଆଉ ତଲିଆ ଇଲାକାନୁ ପାଏନ୍ ବାହାର୍ କର୍‌ବାର୍ ଲାଗି ୯ ଶହ

୫୨ ଟା ପମ୍ପ, ରାତି ସମିଆଥି ଉଦ୍ଧାର୍ ଲାଗି ୬ ଶହ ୨୮ ଟା ଟାୱାର୍ ଲାଇଟ୍ ଆଉ ଶହେ ୭୩ ଟା ସର୍ଚ୍ଚ ଲାଇଟ୍ ବ୍ୟବସ୍ଥା କରାଯାଇଥିବାର୍ ବାବ୍‌ଦେ ଶ୍ରୀ ଷଡ଼ଙ୍ଗୀ ସୂଚ୍‌ନା ଦେଇଛନ୍ ।